**Lang. Code : 14**

इस पुस्तिका में **20** पृष्ठ हैं ।
This booklet contains **20** pages.

# TAJ 19-I

**प्रश्न-पत्र I / PAPER I**
**उड़िया भाषा परिशिष्ट**
**Odia Language Supplement**
**भाग IV & V / PART IV & V**

**परीक्षा पुस्तिका संकेत**
**Test Booklet Code**

**P**

**परीक्षा पुस्तिका संख्या**
**Test Booklet No.**

**इस परीक्षा पुस्तिका को तब तक न खोलें जब तक कहा न जाए ।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20)पर दिए निर्देशों को ध्यान से पढ़ें ।**
**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो या तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **P** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा I - (उड़िया) (प्र. 91 से प्र. 120)
   भाग-V : भाषा II - (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **P**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language I - (Odia) (Q. 91 to Q. 120)
   Part-V : Language II - (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) ____________________
Roll Number : in figures
: (शब्दों में) ____________________
: in words
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________ निरीक्षक के हस्ताक्षर : ____________
Candidate's Signature : Invigilator's Signature :
Facsimile signature stamp of
Centre Superintendent ____________________

**P**

**Lang. Code : 14**

# TAJ 19-I

ପରୀକ୍ଷା ପୁସ୍ତକ କୋଡ

**P**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର I
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **P** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ **60**ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*

   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________________

: ଶବ୍ଦରେ ଲେଖନ୍ତୁ ______________________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of

Centre Superintendent : ______________________________

ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120],** if they have opted **ODIA** as **LANGUAGE – I** only.

## ଭାଗ – IV

## ଭାଷା – I

## ଓଡ଼ିଆ

ପରୀକ୍ଷାର୍ଥୀ ଭାଷା – **I** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **IV** ରେ (ପ୍ରଶ୍ନ ସଂଖ୍ୟା **91-120**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ ।

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ସଂଖ୍ୟା 91 ରୁ 99 ର ଉତ୍ତର ପ୍ରଦାନ କର ।**

କଳିଙ୍ଗ ସୈନ୍ୟ ବୀରଦର୍ପରେ ପ୍ରଥମେ ମଗଧ ପ୍ରତି 'ଦଣ୍ଡଯାତ୍ରା' କଲେ । 'ଗୋରଥଗିରିର' ପାଦଦେଶରେ ଶିବିର ସ୍ଥାପିତ ହେଲା । କଳିଙ୍ଗର ସୁଶିକ୍ଷିତ ଅସଂଖ୍ୟ ବୀରମାନଙ୍କ ସମ୍ମୁଖରେ ନିଜର ଅସ୍ତିତ୍ୱ ବଜାୟ ରଖିବା ଅସମ୍ଭବ ବୋଲି ଜାଣି, ମଗଧ ସୈନ୍ୟ ପୃଷ୍ଠଭଙ୍ଗ ଦେଲେ । ମଗଧରାଜ ବୃହସ୍ପତିମିତ୍ର ହସ୍ତୀପୃଷ୍ଠରୁ ଅବତରଣ କରି ଖାରବେଳଙ୍କର ଚରଣ ବନ୍ଦନା କଲେ । କେବଳ ସେତିକି ନୁହେଁ; ମଗଧର ସମସ୍ତ ରାଜସମ୍ପଦ ସହ ସେ ଖାରବେଳଙ୍କ ଆନୁଗତ୍ୟ ସ୍ୱୀକାର କଲେ । ତାହାପରେ କଳିଙ୍ଗ ବୀରଗଣ ଆହୁରି ଅଗ୍ରସର ହୋଇ ଉତ୍ତରାପଥର ଦୁର୍ଦ୍ଧର୍ଷ 'ମୋଷଳ' ମାନଙ୍କୁ ପରାସ୍ତ କରି ଯେଉଁଦିନ ବିପୁଳ ଧନରତ୍ନ ବହନ କରି ମୋ କୋଳକୁ ଫେରି ଆସିଲେ, ସେଦିନର ଆନନ୍ଦ ଉତ୍ସବ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ସେହି ଅଭୂତପୂର୍ବ ବିଜୟର ସ୍ମାରକ ସ୍ୱରୂପ ମୋ ବକ୍ଷରେ ଏକ ଉଚ୍ଚ 'ମହା ବିଜୟ ପ୍ରାସାଦ' ନିର୍ମିତ ହେଲା । ସେହି ପ୍ରାସାଦର ଶିଖର ଦେଶରେ ଯେଉଁ ବିଜୟ ବୈଜୟନ୍ତୀ ଉଡୁଥିଲା, ତାହା ମୋ ଗୌରବର ଜୀବନ୍ତ ପ୍ରତୀକ ।

ଏହାପରେ, ପ୍ରାୟ ତିନିଶହ ବର୍ଷ ପୂର୍ବରୁ 'ନନ୍ଦ' ନାମକ ଜନୈକ ରାଜାଙ୍କ ଦ୍ୱାରା ଅପହୃତ କଳିଙ୍ଗର ଦରିଦ୍ର 'ଜୀନାସନ' କୁ ମୋର ସ୍ନେହର ପୁତ୍ର ଖାରବେଳ ଗୌରବର ସହିତ ଫେରାଇଆଣି ପୁନଃ ପ୍ରତିଷ୍ଠା କରାଇଥିଲେ । ସେହି ନନ୍ଦରାଜାଙ୍କ ଦ୍ୱାରା ପୂର୍ବରୁ ଖୋଦିତ ପୟଃପ୍ରଣାଳୀଟିକୁ ସଂପ୍ରସାରିତ କରି, ସେ ସମଗ୍ର କଳିଙ୍ଗ ଦେଶକୁ 'ଅଦେବମାତୃକା' ଦେଶରେ ପରିଣତ କଲେ । କୃଷ୍ଣବେଣୀ ତଟରୁ ସୁଦୂର 'ସୋଣ' ନଦୀ ପର୍ଯ୍ୟନ୍ତ ଯେଉଁଦିନ କଳିଙ୍ଗର ଜୟଘୋଷ ଶ୍ରୁତିଗୋଚର ହେଲା ; ତାହା ମୋ ଜୀବନର ଏକ ମହା ଆନନ୍ଦ ଦିବସ । କିନ୍ତୁ ଭାଗ୍ୟର ଉତ୍ଥାନ ପତନର ମାର୍ଗଦେଇ ପ୍ରତ୍ୟେକଙ୍କୁ ଅଗ୍ରସର ହେବାକୁ ପଡେ । ନିୟତିର ସେହି ନିୟତଚକ୍ରରୁ କେହି ଉଦ୍ଧାର ପାଇପାରି ନାହିଁ । ମୁଁ ମଧ୍ୟ ସେହି ଚକ୍ର ଘୂର୍ଣ୍ଣନରେ ପଡି ଦିନେ ସର୍ବସ୍ୱ ହରାଇଥିଲି । ତେଣୁ ମୋର ଭାଗ୍ୟାକାଶରୁ ଦୀପ୍ତିମନ୍ତ ସୂର୍ଯ୍ୟ ଅସ୍ତମିତ ହୋଇ ପୁଣି ରାତ୍ରିର କରାଳ ଅନ୍ଧକାର ମୋତେ ଗ୍ରାସ କରିବାକୁ ମାଡି ଆସିଲା ।

**91. କାହାକୁ ଗୌରବର ଜୀବନ୍ତ ପ୍ରତୀକ ଭାଗରେ ଗ୍ରହଣ କରାଯାଇଛି ?**

(1) ଖାରବେଳ ଉଦ୍ଧାର କରିଥିବା ସିଂହାସନକୁ

(2) କଳିଙ୍ଗର ମହା ବିଜୟ ପ୍ରାସାଦକୁ

(3) ନନ୍ଦରାଜାଙ୍କ ପୟଃ ପ୍ରଣାଳୀକୁ

(4) କଳିଙ୍ଗ ସୈନ୍ୟଙ୍କର ମଗଧ ଆକ୍ରମଣକୁ

92. "ମଗଧ ସୈନ୍ୟ ପୃଷ୍ଠଭଙ୍ଗ ଦେଲେ" – ଅର୍ଥାତ୍ ସେମାନେ –
(1) ଆଗେଇଲେ
(2) ପଳାୟନ କଲେ
(3) ସିଂହାସନର ରକ୍ଷା କଲେ
(4) ରାଜସମ୍ପଦ ଦାନ କଲେ

93. "କଳିଙ୍ଗର ପବିତ୍ର ଜୀନାସନ'କୁ ମୋର ସ୍ନେହର ପୁତ୍ର ଖାରବେଳ ଫେରାଇଆଣି ପୁନଃ ପ୍ରତିଷ୍ଠା କରାଇଥିଲେ" – 'ମୋର' କାହାକୁ ବୁଝାଇଥାଏ ?
(1) ଧରିତ୍ରୀ
(2) ମା
(3) କଳିଙ୍ଗ
(4) ମଗଧ

94. 'ପୟଃପ୍ରଣାଳୀ' କ'ଣ ?
(1) ଜଳାଶ୍ରୟ ନିର୍ମାଣ
(2) ଗୃହ ନିର୍ମାଣ
(3) ମନ୍ଦିର ନିର୍ମାଣ
(4) ପ୍ରାସାଦ ନିର୍ମାଣ

95. "ଭାଗ୍ୟାକାଶରୁ" – ଏଥିରେ କେଉଁ ବିଭକ୍ତିର ଚିହ୍ନ ରହିଛି ?
(1) ପ୍ରଥମା
(2) ତୃତୀୟା
(3) ପଞ୍ଚମୀ
(4) ସପ୍ତମୀ

96. 'ମଗଧପ୍ରତି' – ଏଥିରେ ପ୍ରତି ଶବ୍ଦର ଅର୍ଥ ହେବ –
(1) ମଗଧ ଆଡ଼କୁ
(2) ମଗଧକୁ ପ୍ରତୀକ କରି
(3) ମଗଧରୁ
(4) କଳିଙ୍ଗରୁ

97. 'ସୁଶିକ୍ଷିତ' ଶବ୍ଦର ବିପରୀତାର୍ଥକ ଶବ୍ଦଟି କ'ଣ ?
(1) ଅଳ୍ପଶିକ୍ଷିତ
(2) ଅଶିକ୍ଷିତ
(3) ଉଚ୍ଚଶିକ୍ଷିତ
(4) ଶିକ୍ଷାର୍ଥୀ

98. କଳିଙ୍ଗ ସୈନ୍ୟଙ୍କର ଶିବିର କେଉଁଠାରେ ସ୍ଥାପିତ ହୋଇଥିଲା ?
(1) ମଗଧ
(2) କୃଷ୍ଣବେଣୀତଟ
(3) ଗୋରଥଗିରି
(4) କଳିଙ୍ଗ

99. କଳିଙ୍ଗର ଜୀନାସନ କିଏ ଅପହରଣ କରି ନେଇଥିଲେ ?
(1) ନନ୍ଦ
(2) ଖାରବେଳ
(3) କଳିଙ୍ଗବୀର
(4) ମଗଧସେନା

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 ରୁ 105 ର ଉତ୍ତର ପ୍ରଦାନ କର ।**

ବୈବସ୍ୱତ ମନୁ ଆଗେ ବଦନ୍ତି ଅଗସ୍ତି
କୃଷ୍ଣ ସଙ୍ଗେ ଗଲେ ପାଣ୍ଡବ ପାଞ୍ଚମୂର୍ତ୍ତି ।।
ଏଥୁ ଅନନ୍ତରେ ଯେ ବୋଇଲେ ଜନାର୍ଦ୍ଦନ
ଅଭିଷେକ ବିଧିମାନ କର ଆୟୋଜନ ।।
ଶୁଣି ଯୁଧିଷ୍ଠିର ବୋଇଲେ ହେ ଦେବ ହରି
ଭୀଷ୍ମକ କହିଲେ ସିନା ରାଜା ହୋଇପାରି ।।
ତହୁଂ ଭୀଷ୍ମଙ୍କ ପାଖକୁ କଲେ ଯେ ଗମନ
ସୈନ୍ୟ ସଖା ନାହିଂ କେହି ସେହି ଷଡ଼ଜଣ ।।
ଯହିଂ ଭୀଷ୍ମଦେବ କରିଥିଲେ ଶରଶଯ୍ୟା
ସେଠାରେ ପ୍ରବେଶ ଯାଇଂ ହେଲେ ଧର୍ମରାଜା ।।
ଭୀଷ୍ମ ଆଗରୁ ଆଚରିଥିଲେ ମୌନବ୍ରତ
ଯୁଧିଷ୍ଠିଙ୍କି ଦେଖି ପୁଣି ଫିଟାଇଲେ ନେତ୍ର ।।
ଭୀଷ୍ମଦେବ କହିଲେ ଯେ ଯୁଧିଷ୍ଠିକି ଚାହିଂ
ସୁଖେ ନିଷ୍କଣ୍ଟକ ରାଜ୍ୟ କର ବାବୁ ଯାଇଂ ।।
କିପାଇଂ ହୋ ଧର୍ମରାଜା ଅଇଲୁ ମୋ ପାଶ
ବଦନ୍ତି ଯୁଧିଷ୍ଠି ଶୁଣ କୁରୁକୁଳ ଇଶ ।।

**100.** ଯୁଧିଷ୍ଠିର ରାଜା ହେବାପାଇଁ କାହାର ଆଦେଶକୁ ଅପେକ୍ଷା କରିଛନ୍ତି ?

(1) ପ୍ରଜାଙ୍କର

(2) କୃଷ୍ଣଙ୍କର

(3) ଧର୍ମଦେବଙ୍କର

(4) ଭୀଷ୍ମଙ୍କର

**101.** ଶରଶଜ୍ୟାରେ ଥିବାବେଳେ କେଉଁ ଷଡ଼ଜଣ ଭୀଷ୍ମଙ୍କ ନିକଟକୁ ଯାଇଥିଲେ ?

(1) ପ୍ରଜାଙ୍କ ସହିତ ଯୁଧିଷ୍ଠିର

(2) କୃଷ୍ଣ ଓ ଯୁଧିଷ୍ଠୀର ଆଉ ଚାରିଜଣ ଧର୍ମଗୁରୁଙ୍କୁ ନେଇ

(3) ମନୁ, ଅଗସ୍ତି, କୃଷ୍ଣ, ଯୁଧିଷ୍ଠିର ଓ ଧର୍ମଗୁରୁ

(4) ପାଣ୍ଡବ ପାଞ୍ଚଭାଇ ଓ କୃଷ୍ଣ

**102.** ଭୀଷ୍ମ ଯୁଧୀଷ୍ଠିରଙ୍କୁ କେଉଁ ଉପଦେଶ ଦେଇଥିଲେ ?

(1) ତାଙ୍କୁ ଶାନ୍ତିରେ ଶୋଇବାକୁ ଦେବାକୁ

(2) କୃଷ୍ଣଙ୍କ ଉପଦେଶ ମାନିବାକୁ

(3) ମୌନବ୍ରତ ଧାରଣ କରିବାକୁ

(4) ରାଜାହୋଇ ରାଜ୍ୟ ଶାସନ କରିବାକୁ

**103.** "କୁରୁକୁଳ ଇଶ" ବୋଲି କାହାକୁ କୁହାଯାଇଛି ?

(1) କୃଷ୍ଣଙ୍କୁ

(2) ଭୀଷ୍ମଙ୍କୁ

(3) ଯୁଧିଷ୍ଠିରଙ୍କୁ

(4) ଅଗସ୍ତିଙ୍କୁ

**104.** 'ଆଚ଼ରି' ଶବ୍ଦର ଅର୍ଥ କ'ଣ ?

(1) ମରଣ

(2) ଧାରଣ

(3) ବାରଣ

(4) କାରଣ

**105.** କବିତାଟିରେ କିଏ କାହାକୁ କହୁଛନ୍ତି ?

(1) ମନୁ ଅଗସ୍ତିଙ୍କୁ

(2) ଅଗସ୍ତି ମନୁଙ୍କୁ

(3) କବି ଅଗସ୍ତି ଓ ମନୁଙ୍କୁ

(4) ମନୁ ଅଗସ୍ତି ଓ କବିଙ୍କୁ

106. ପ୍ରଥମ ଶ୍ରେଣୀର ଭାଷା ପୁସ୍ତକର ଆରମ୍ଭରେ ଅକ୍ଷର, ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ ତିନି ଅକ୍ଷରର ଶବ୍ଦ ଥାଏ, ଏବଂ ତାସହିତ ସଂପର୍କଥିବା ଗପ ଓ କବିତା ଶେଷରେ ଦିଆଯାଇଥାଏ ।

(1) ନିମ୍ନରୁ ଉର୍ଦ୍ଧ୍ୱ ପଦ୍ଧତି

(2) ଉର୍ଦ୍ଧ୍ୱରୁ ନିମ୍ନ ପଦ୍ଧତି

(3) ବିଷୟାଗତ ପଦ୍ଧତି

(4) ପାଠ୍ୟପୁସ୍ତକ ଭିତ୍ତିକ ପଦ୍ଧତି

107. ପଠନ ବିଶୃଙ୍ଖଳାକୁ କୁହାଯାଏ _______

(1) ଡ଼ିସ୍‌ଲେକ୍ସିୟା

(2) ଡ଼ିସ୍‌ଗ୍ରାଫିଆ

(3) ଡ଼ିସ୍‌କାଲ୍‌କୁଲିଆ

(4) ଡ଼ିସ୍‌ଫୋରିଆ

108. ଲିଖନ ଅଭ୍ୟାସ ପାଇଁ ଶିକ୍ଷକ ଶ୍ରେଣୀରେ କ'ଣ କରିବା ଆବଶ୍ୟକ ?

(1) ବିଷୟ ଉପରେ ଗମ୍ଭୀର ଭାବରେ ଚିନ୍ତାକରି ନୂତନ ବିଚାର ଉପସ୍ଥାପନ କରିବାକୁ ଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେବା

(2) ବୋଡ଼ରେ ଦିଆଯାଇଥିବା ଗଦ୍ୟାଂଶରୁ ଗୋଟେ ପରିଚ୍ଛେଦ ନକଲ କରିବାକୁ ଶିକ୍ଷାର୍ଥୀଙ୍କୁ କହିବା

(3) ବିଦ୍ୟାଳୟ ଯିବାପୂର୍ବରୁ ପାଠ୍ୟର ବିଭିନ୍ନ ପରିଚ୍ଛେଦ ପଢିବାପାଇଁ ଶିକ୍ଷାର୍ଥୀଙ୍କୁ କହିବା

(4) ସୁନ୍ଦର ହସ୍ତାକ୍ଷରରେ ଲେଖିବାପାଇଁ ଶିକ୍ଷାର୍ଥୀଙ୍କୁ ଉପଦେଶ ଦେବା

109. ଶିଶୁ କିପରି ମାତୃଭାଷା ଆହରଣ କରିଥାଏ ?

(1) ଶ୍ରବଣ ଦ୍ୱାରା

(2) କଥନ ଦ୍ୱାରା

(3) ଲିଖନ ଦ୍ୱାରା

(4) ଆନୁଷ୍ଠାନିକ ପରିବେଶରେ

110. ଏଥିମଧ୍ୟରୁ କେଉଁଟି ଉତ୍ପାଦନ କୌଶଳର ଅନ୍ତର୍ଭୁକ୍ତ ?

(1) ପଠନ ଓ ଲିଖନ

(2) ପଠନ ଓ ଶ୍ରବଣ

(3) କଥନ ଓ ଲିଖନ

(4) କଥନ ଓ ଶ୍ରବଣ

111. ତୃତୀୟ ଶ୍ରେଣୀର ଭାଷା ଶିକ୍ଷକ, ଏକ କବିତା ପଢାଇବାପରେ କିଛି କାର୍ଯ୍ୟ କରିବାକୁ ଶିକ୍ଷାର୍ଥୀଙ୍କୁ ଦେଲେ । ଶିକ୍ଷାର୍ଥୀଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରାଇବା ପାଇଁ ଏଥିମଧ୍ୟରୁ କେଉଁ କାର୍ଯ୍ୟ ଦେବା ଦରକାର ?

(1) କବିତାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ କହିବା

(2) ଦଳଗତ ଭାବରେ ଶିକ୍ଷାର୍ଥୀଙ୍କୁ ଭାଗକରି ସେମାନଙ୍କର ଭିନ୍ନ ଭିନ୍ନ ବ୍ୟାଖ୍ୟା କରିବାକୁ କହିବା

(3) କବିତାର ପ୍ରତ୍ୟେକ ଧାଡ଼ି ଅବିକଳ ଭାବରେ ମନେରଖିବାପାଇଁ ଶିକ୍ଷାର୍ଥୀଙ୍କୁ କହିବା

(4) କବିତାରେ ଥିବା ନୂତନ ଶବ୍ଦ ବ୍ୟବହାର କରି ବାକ୍ୟଗଠନ କରିବାକୁ ଶିକ୍ଷାର୍ଥୀଙ୍କୁ କହିବା

**112. ଭାଷା ଆହରଣ କ୍ଷେତ୍ରରେ କେଉଁଟି ପ୍ରଯୁଜ୍ୟ ?**

(1) ଶିଶୁଙ୍କର ଭାଷା ଆହରଣ ନିମନ୍ତେ ଆନ୍ତରିଣ ଦକ୍ଷତା ନାହିଁ

(2) ଶିଶୁମାନେ ବିଦ୍ୟାଳୟରେ ଯୋଗ ଦେବାପରେ ଭାଷା ଶିଖିଥାନ୍ତି

(3) ପ୍ରତ୍ୟେକ ଶିଶୁର ଭାଷା ଆହରଣ ନିମନ୍ତେ ଆନ୍ତରିଣ ଦକ୍ଷତା ରହିଛି

(4) ବିଭିନ୍ନ ପ୍ରକାରର ସମ୍ୱନ୍ଧର ସାହାଯ୍ୟରେ ଶିଶୁମାନେ ଭାଷା ଶିକ୍ଷା କରିଥାନ୍ତି

**113. ଭାଷା ଶିକ୍ଷାରେ ଏଥିମଧ୍ୟରୁ କେଉଁଟି ଅଧିକ ଉପଯୋଗୀ ?**

(1) ଶିକ୍ଷଣ ଓ ପଠନ ସାମଗ୍ରୀ (TLM)ର ବ୍ୟବହାର

(2) ସାମାଜିକ ପାରସ୍ପରିକ କ୍ରିୟା

(3) ପୁସ୍ତକ ପଠନ

(4) ଚଳଚ୍ଚିତ୍ର କିମ୍ୱା ନାଟକ ଦେଖିବା

**114. କୌଣସି ପାଠ୍ୟରେ ଚିତ୍ର ଓ ରେଖାଚିତ୍ର ବିବରଣୀ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ ?**

(1) ପାଠ୍ୟପୁସ୍ତକର ବିଭିନ୍ନ ବିଭାଗରେ ରେଖାଚିତ୍ର ପ୍ରଦାନ କରିବା ଏକ ଧାରା

(2) ଏହାଦ୍ୱାରା ପାଠ୍ୟପୁସ୍ତକ ଆକର୍ଷଣୀୟ ହୋଇଥାଏ

(3) ଏହାଦ୍ୱାରା ଭାବାତ୍ମକ ବିଷୟ ବୁଝିବା ସହଜ ହୋଇଥାଏ

(4) ଏକ ଅଂଶ ଲେଖିବା କଷ୍ଟସାଧ୍ୟ ହୋଇପାରେ କିନ୍ତୁ ରେଖାଚିତ୍ର ମାଧ୍ୟମରେ ବୁଝାଇବା ସହଜ ହୋଇଥାଏ

**115. ଶିକ୍ଷାର୍ଥୀଙ୍କୁ ଜଣେ ଭଲ ଲେଖକ କରାଇବାପାଇଁ ଶିକ୍ଷକ ଲିଖନର କେଉଁ ଦିଗଉପରେ ଅଧିକ ଗୁରୁତ୍ୱ ଦେବା ଦରକାର ?**

(1) ହସ୍ତଲିଖନ

(2) ବ୍ୟାକରଣ

(3) ଅଭିବ୍ୟକ୍ତି

(4) ଶବ୍ଦ ସଂଖ୍ୟା ନିର୍ଦ୍ଧାରଣ

**116. ଡିସ୍‌ଲେକ୍ସିଆର କାହା ସହିତ ସଂପର୍କ ରହିଛି ?**

(1) ମାନସିକ ଅକ୍ଷମତା

(2) ବ୍ୟବହାରାତ୍ମକ ଅକ୍ଷମତା

(3) ଗାଣିତିକ ଅକ୍ଷମତା

(4) ପଠନ ଅକ୍ଷମତା

**117.** କୌଣସି ପାଠ୍ୟ ପଢ଼ିବା ସମୟରେ ଏଥିମଧ୍ୟରୁ କେଉଁଟି ଅଧିକ ଆବଶ୍ୟକ ?

(1) ଶୁଦ୍ଧ ଉଚ୍ଚାରଣ କରି ପାଠ କରିବା

(2) ସମସ୍ତ ବିରାମ ଚିହ୍ନକୁ ଧ୍ୟାନଦେଇ ଠିକ୍ ଭାବରେ ପାଠ କରିବା

(3) ପାଠ୍ୟର ଅର୍ଥ ବୁଝିପାରିବା

(4) ଦ୍ରୁତ ପଠନ

**118.** ଦ୍ୱିତୀୟ ଶ୍ରେଣୀର ଭାଷା ଶିକ୍ଷକ ତଥା ଶିକ୍ଷାର୍ଥୀଙ୍କର ଭାଷା ଶିକ୍ଷାବେଳେ ଶବ୍ଦଜ୍ଞାନ ବୃଦ୍ଧି କରିବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ କେଉଁଟି ଅଧିକ ଉପାଦେୟ ?

(1) ନୂତନ ଅଂଶ ପଢ଼ିବାପୂର୍ବରୁ ସେଥିରେ ଥିବା ସମସ୍ତ ନୂତନ ଶବ୍ଦକୁ ପ୍ରଥମେ ପାଠ କରିବାକୁ କହିବା

(2) ସେ ପରିବେଶରେ ଶିକ୍ଷାର୍ଥୀ ନୂତନ ଶବ୍ଦର ଅର୍ଥ ଅନୁମାନ କରିବାପାଇଁ ପ୍ରବର୍ତ୍ତାଇବା

(3) ପ୍ରତ୍ୟେକ ନୂତନ ତଥା କଠିନ ଶବ୍ଦର ଅର୍ଥ ଜାଣିବା ପାଇଁ ଶବ୍ଦକୋଷର ସାହାଯ୍ୟ ନେବା

(4) ସମସ୍ତ ନୂତନ ଓ କଠିନ ଶବ୍ଦକୁ ବାଛି ରେଖାଙ୍କିତ କରିବା ଓ ପରେ ସେଗୁଡ଼ିକ ଅର୍ଥ ଜାଣି ମନେ ରଖିବା

**119.** ଦ୍ୱିତୀୟ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଶ୍ରେଣୀରେ ଏକ ସୁନ୍ଦର ଗଳ୍ପ କହିବାବେଳେ ଅଙ୍ଗଭଙ୍ଗୀ ଦେଇ ଗଳ୍ପଟିକୁ ଅଧିକ ଆକର୍ଷଣୀୟ କରିଥିଲେ । ଗଳ୍ପ କହି ସାରିବା ପରେ ସେ ଶିକ୍ଷାର୍ଥୀଙ୍କୁ ନିଜଭାଷାରେ ଗଳ୍ପଟି କହିବାକୁ କହିଲେ । ଏହା ମାଧ୍ୟମରେ ସେ କ'ଣ ଆକଳନ କରିବାକୁ ଚାହୁଁଥିଲେ ?

(1) ଶ୍ରବଣ ବୋଧଶକ୍ତି

(2) କଥନ ବୋଧଶକ୍ତି

(3) ପଠନ ବୋଧଶକ୍ତି

(4) ଲିଖନ ବୋଧଶକ୍ତି

**120.** ଶ୍ରେଣୀ କକ୍ଷରେ ଉନ୍ନତ ଚିତ୍ର ପରିବେଶର ଅର୍ଥ ହେବ –

(1) ଶ୍ରେଣୀକକ୍ଷର ରଂଗୀନ କାନ୍ଥଗୁଡ଼ିକ

(2) ବିଚାରମୂଳକ ତଥ୍ୟପୂର୍ଣ୍ଣ ଲେଖା କାନ୍ଥରେ ଲଗାଇବା

(3) ବଡ଼ ଆକାରର ଅକ୍ଷରର ଚାର୍ଟ୍ କାନ୍ଥରେ ଲଗାଇବା

(4) ରଂଗରେ କବିତାକୁ କାନ୍ଥରେ ଲେଖି ତା ସହିତ ସଂପର୍କିତ ଉଦାହରଣ ଚିତ୍ର ମାଧ୍ୟମରେ ଦର୍ଶାଇବା

ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150],** if they have opted **ODIA** as **LANGUAGE – II** only.

ଭାଗ – **V**

ଭାଷା – **II**

ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

ନିମ୍ନ ଅନୁଚ୍ଛେଦଟିର ପାଠକରି ପ୍ରଶ୍ନ ସଂଖ୍ୟା **121-128** ର ଉତ୍ତର ପ୍ରଦାନ କର ।

ଅନେକ ସମୟରେ ଯା ବି ହୋଇଥାଏ – ବିଶେଷଜ୍ଞମାନଙ୍କର ବିଶେଷ କରାମତି ନଥାଏ, ସେମାନେ ଉପର ଅନୁଗ୍ରହରୁ ସେଠିଯାଇ ପହଞ୍ଚିଥାନ୍ତି । ତେଣୁ କେହି ଜଣେ ପ୍ରଶ୍ନ ଉଠାଇଲେ ଚୁପ୍ ରହନ୍ତି ; କିମ୍ବା ନିଜ ଆସନଟାକୁ ରକ୍ଷା କରିବାପାଇଁ ମୁଣ୍ଡ ଟୁଙ୍ଗାରନ୍ତି । ଅନେକ ସମୟରେ ବିଶେଷଜ୍ଞ ଗୁଣପାଇଁ ବଛା ହୋଇ ନଥାନ୍ତି, ବଡବଡଙ୍କର ଯାହାଙ୍କ ନାଁ ମନେ ପଡିଲା ସେ ଚାଲି ଆସନ୍ତି ; ସେଥିପାଇଁ ଡିଗ୍ରୀ କିମ୍ବା ବହିପତ୍ର ପ୍ରକାଶନ ଇତ୍ୟାଦି କିଛି ଦରକାର ହୁଏ ନାହିଁ । ଦୈନିକ କାଗଜରେ ଲେଖା ବାହାରକରି ଲୋକେ ଗବେଷକ ହୁଅନ୍ତି । ତେଣୁ କିଏ ବିଶେଷଜ୍ଞ, କିଏ ବିଶେଷଜ୍ଞ ନୁହଁନ୍ତି, ବୁଝିବା ମୁସ୍କିଲ ହୋଇପଡେ । ଅସଲ କଥା, ସବୁ ଭିତରେ ଲୁଚି ଛପି ରାଜନୀତିଥାଏ । ଏମିତିକି ସାହିତ୍ୟ ସଂସ୍ଥାମଧ୍ୟ ସେଥିରୁ ବାଦ୍‌ଯାଏ ନାହିଁ । ସାହିତ୍ୟ ସଭାରେ ବ୍ୟାକରଣ ବିଶେଷଜ୍ଞ ଅନୁପସ୍ଥିତ ହେଲେ ସଫେଇସଂସ୍ଥାର ମାଲିକ ମଧ୍ୟ ତାଙ୍କ ସ୍ଥାନ ପୂରଣ କରି ପାରନ୍ତି । ମନେହୁଏ ସତେ ଯେମିତି ବ୍ୟାକରଣ ବିଶେଷଜ୍ଞଙ୍କର ସେଠି କୌଣସି ବିଶେଷ କାମ ନଥିଲା, ସେ କେବଳ କାହା ଅନୁଗ୍ରହରୁ ସେଠି ବସିଥିଲେ । ନଚେତ୍ ତାଙ୍କର ଯଦି କୌଣସି ବିଶେଷ କାମ ଥାନ୍ତା, ତା'ହେଲେ ତାଙ୍କ ଜାଗାରେ ଆଉ ଜଣେ ବ୍ୟାକରଣ ଜାଣିବା ଲୋକ ଆସିଥାନ୍ତେ, ସଫେଇ କାରଖାନାର ମାଲିକ ସେଠି ଜାଗାପାଇ ନଥାନ୍ତେ । ଏଭଳି ହେବା ଫଳରେ ଦୁଇ ପ୍ରକାର କ୍ଷତି ହେଉଛି । କୌଣସି ବିଶେଷଜ୍ଞ ଭାବରେ ସ୍ଥାନ ପାଇବାକୁ ହେଲେ ରାଜନୀତିକୁ ଆଶ୍ରୟ କରିବାକୁ ପଡୁଛି ଓ ଯେଉଁମାନେ ଆଶ୍ରୟ, ପାଇ ଉପରକୁ ଚାଲିଯାଉଛନ୍ତି, ଜନସାଧାରଣ ସେମାନଙ୍କଠାରେ ବିଶ୍ୱାସ ହରାଉଛନ୍ତି । ଫଳରେ ପ୍ରକୃତ ବିଶେଷଜ୍ଞମାନେ ସେମାନଙ୍କ କର୍ତ୍ତବ୍ୟକ୍ଷେତ୍ରରୁ ଦୂରେଇ ରହିବା ଯୋଗୁଁ ଆମ ଦେଶରେ ବିଶେଷ ଜ୍ଞାନର କୌଣସି ଉନ୍ନତି ହୋଇପାରୁନାହିଁ । ଘୋଡାମାନେ ଯାହା ସହଜରେ ବୋହି ନେଇ ପାରନ୍ତେ, ଗଧମାନଙ୍କ ଉପରେ ଲଦାହୋଇ ତା'ର ଗତି ଶିଥିଳ ହୋଇ ପଡୁଛି ।

121. ବିଶେଷଜ୍ଞମାନଙ୍କର ଦକ୍ଷତା ନଥାଇ ସୁଧା ଉଚ୍ଚପଦବୀ ପାଇଥାନ୍ତି କିପରି ?

(1) ଭଗବାନଙ୍କ ଆଶୀର୍ବାଦରୁ

(2) ଏକ ନିର୍ଦ୍ଦିଷ୍ଟ ଜ୍ଞାନ ହାସଲ କରିଥିବାରୁ

(3) ଉପର ଅନୁଗ୍ରହରୁ

(4) ରାଜନେତାଙ୍କର ସମର୍ଥନରୁ

122. କ'ଣ ବୁଝିବା ସହଜ ନୁହେଁ ?

(1) କିଏ ସତ୍ୟପଥରେ ଚାଲିଥାଏ ?

(2) କିଏ ବିଶେଷଜ୍ଞ ?

(3) କିଏ ବିଶେଷଜ୍ଞ ଓ କିଏ ବିଶେଷଜ୍ଞ ନୁହେଁ ?

(4) କିଏ ସଫେଇ କାରଖାନାର ମାଲିକ ।

123. କେଉଁମାନଙ୍କୁ ଜନସାଧାରଣ ବିଶ୍ୱାସ କରିପାରୁନାହାନ୍ତି ?

(1) ଯେଉଁ ବିଶେଷଜ୍ଞଙ୍କର କରାମତି ନଥାଏ

(2) ଯେଉଁମାନେ ପୁସ୍ତକ ପ୍ରକାଶନ କରିନାହାନ୍ତି

(3) ଯେଉଁମାନଙ୍କର ବ୍ୟାକରଣ ଜ୍ଞାନ ନାହିଁ

(4) ଯେଉଁମାନେ ବିଶେଷଜ୍ଞ ହେବାକୁ ରାଜନୀତିର ଆଶ୍ରୟ ନେଉଛନ୍ତି

124. ଆମ ଦେଶରେ କୌଣସି ବିଶେଷ ଜ୍ଞାନର ଉନ୍ନତି ହୋଇ ନପାରିବାର କାରଣ କ'ଣ ?

(1) ସମସ୍ତେ ନିଜ ଆସନ ରକ୍ଷା କରିବାରେ ବ୍ୟସ୍ତ

(2) କର୍ମକ୍ଷେତ୍ରରେ ବିଶେଷଜ୍ଞଙ୍କ ଅଭାବ

(3) ମଣିଷର ଗତି ଶିଥିଳ

(4) ସାହିତ୍ୟସଭାରେ ବିଶେଷଜ୍ଞଙ୍କ ଅଭାବ

125. କାହାର ସମକକ୍ଷ ଶବ୍ଦ ହେବ 'ଶିଥିଳ' ?

(1) ଦୃଢ

(2) ପ୍ରବଳ

(3) ପରିମଳ

(4) ଶାନ୍ତ

126. ଅନୁଚ୍ଛେଦଟିରେ 'ଘୋଡ଼ା' ଓ 'ଗଧ' ଭାବରେ କାହାର ତୁଳନା କରାଯାଇଛି ?

(1) ବିଶେଷଜ୍ଞ ଓ ଅବିଶେଷଜ୍ଞ

(2) ଜନସାଧାରଣ ଓ ରାଜନେତା

(3) ରାଜନେତା ଓ ଲେଖକ

(4) ଲେଖକ ଓ ପ୍ରକାଶକ

**127.** କାହାର ସ୍ଥାନ ସଫେଇ କାରଖାନାର ମାଲିକ ନେଇ ପାରିବେ ନାହିଁ ?

(1) ବିଶେଷଜ୍ଞଙ୍କର

(2) ଘୋଡ଼ା ଓ ଗଧଙ୍କର

(3) ରାଜନେତାଙ୍କର

(4) ବ୍ୟାକରଣ ବିଶେଷଜ୍ଞଙ୍କର

**128.** କେଉଁ ଧରଣର ଲୋକେ ଉତ୍ତମ ଗବେଷକ ହୋଇ ପାରିନଥାନ୍ତି ?

(1) ଯାହାର ଲେଖା ଦୈନିକ କାଗଜରେ ପ୍ରକାଶ ପାଏ

(2) ଯେ ଉପର ଅନୁଗ୍ରହରୁ ଲେଖା ପ୍ରକାଶ କରିଥାନ୍ତି

(3) ଯେଉଁମାନେ ରାଜନୀତି କରିଥାନ୍ତି

(4) ଯେଉଁମାନଙ୍କର ବ୍ୟାକରଣ ଜ୍ଞାନ ନଥାଏ

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ଦିଅ ।**

ପରମପିତା ବିଶ୍ୱବିଧାତା ସମସ୍ତ ବିଶ୍ୱଜଗତର ସ୍ରଷ୍ଟା ଓ ପାଳନ–କର୍ତ୍ତା । ସେ ଆମ୍ଭମାନଙ୍କୁ ଯେପରି ସ୍ୱାଧୀନ ବୃତ୍ତି ଦେଇଅଛନ୍ତି, ସେହିପରି ପ୍ରକୃତିରେ ନାନା ଶାସନର ପନ୍ଥା ଫିଟାଇଅଛନ୍ତି। ଜୀବଜନ୍ତୁଠାରୁ ମାନବ ଶିଶୁ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ୱାଧୀନ ଲୀଳାରେ ସଂଯମ ହେବାକୁ, ସ୍ୱେଚ୍ଛାଚାରିତା ଶାସନ କରିବାକୁ ଅନନ୍ତ ପ୍ରକୃତି ସୃଷ୍ଟି କରିଅଛନ୍ତି । ହସ୍ତପଦର ସ୍ୱେଚ୍ଛାଚାଳନାରେ ପୃଥିବୀ ଆଘାତ ଦିଏ । ଶିଶୁ ସ୍ୱାଧୀନ ଭାବରେ ଆଖି ଫିଟାଇ ଚାହିଁଥାଏ । କେଉଁଠାରୁ ପବନ ଆସି ହଠାତ୍ ଶିଶୁ ଆଖି ବୁଜିଦିଏ । ଶିଶୁକୁ ଯେପରି କି ଶାସନକରି କହେ – "ବିଧାତାଙ୍କ ରାଜ୍ୟରେ ଏ ସ୍ୱେଚ୍ଛାଚାରିତା ତୋହର ଉଚିତ ନୁହେଁ ।"

ଶିଶୁ, ତୋର ଯେତିକି ଚାହିଁବା ଉଚିତ, ତୁ ସେତିକି ଚାହିଁବୁ । ଚାହିଁ ରହିବାର ଅନନ୍ତ ଶକ୍ତି ଦେଖାଇ ବସିଲେ ତତେ ସେଥିରୁ ନିବୃତ୍ତ କରିବାପାଇଁ ଆମ୍ଭେମାନେ ନିଯୁକ୍ତ ଅଛୁ । ବିଧାତାଙ୍କ ରାଜ୍ୟରେ ତୋର ସେ ଅଧିକାର ନାହିଁ । ଏହିପରି ଖରା, ବର୍ଷା, ଶୀତ, ବସନ୍ତ, ପୃଥିବୀ, ଆକାଶ, ଜଳ, ବାୟୁ, ନଦୀ, ପର୍ବତ, ଜଡ଼, ଜୀବନ୍ତ ସମସ୍ତେ ଭଗବାନଙ୍କର ଶାସନ ଦଣ୍ଡ ଘେନି ଜନ୍ତୁର, ସ୍ୱେଚ୍ଛାଚାରିତା ନିୟମିତ କରୁଅଛନ୍ତି । ସେଥିରେ ଜୀବଜନ୍ତୁ ପ୍ରଭୃତିର ଅଙ୍ଗ ଚାଳନାଦିର ପ୍ରକୃତ ସ୍ୱାଧୀନ ବ୍ୟବହାର ଫିଟୁଅଛି । ସ୍ୱେଚ୍ଛାଚାରିତା ସଂଯମରେ ରସାଣିତ ହେଉଅଛି । ଆବେଗ ଶାସନରେ ସଂଯତ ହେଉଅଛି । ବିଶ୍ୱତନ୍ତ୍ରର ନିୟମରେ ସମସ୍ତଙ୍କର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହେଉଅଛି ।

129. ବିଶ୍ୱଜଗତର ସ୍ରଷ୍ଟା ଓ ପାଳନ କର୍ତ୍ତା କିଏ ?

(1) ଶାସନ ପଦ୍ଧତି

(2) ବିଶ୍ୱବିଧାତା

(3) ପ୍ରକୃତି

(4) ରାଜତନ୍ତ୍ର

130. "ବିଧାତାଙ୍କ ରାଜ୍ୟରେ ଏ ସ୍ୱେଚ୍ଛାଚାରିତା ତୋହର ଉଚିତ୍ ନୁହେଁ" – ଏ କଥା କାହାକୁ କୁହାଯାଇଛି ?

(1) ମଣିଷକୁ

(2) ଶିଶୁକୁ

(3) ପାଠକଙ୍କୁ

(4) ଜୀବଜନ୍ତୁଙ୍କୁ

131. "ବିଶ୍ୱଜଗତର ସ୍ରଷ୍ଟା" ରେଖାଙ୍କିତ ଶବ୍ଦରେ କେଉଁ ବିଭକ୍ତିର ସୂଚନା ମିଳେ ?

(1) ଚତୁର୍ଥୀ

(2) ପଞ୍ଚମୀ

(3) ଷଷ୍ଠୀ

(4) ସପ୍ତମୀ

132. ଅନୁଚ୍ଛେଦଟିରେ ଥିବା "ନିୟମିତ" ଶବ୍ଦର ଅର୍ଥ ହେଲା –

(1) ପ୍ରତ୍ୟେକ ଦିନ

(2) ସମୟ ସମୟରେ

(3) ଆବଶ୍ୟକ ପଡ଼ିଲେ

(4) ନିୟନ୍ତ୍ରଣ

133. "କେଉଁଠାରୁ ପବନ ଆସି ହଠାତ୍ ଶିଶୁ ଆଖି ବୁଜିଦିଏ" – ଏଠାରେ 'ବୁଜିଦିଏ' କେଉଁ ଅର୍ଥ ପ୍ରକାଶ କରିଥାଏ ।

(1) କଷ୍ଟ

(2) ଶୟନ

(3) ମୃତ୍ୟୁ

(4) ଲଜ୍ଜା

134. କିଏ ମନୁଷ୍ୟକୁ ସ୍ୱାଧିନ ବୃତ୍ତି ଦେବା ସଂଗେ ସଂଗେ ଶାସନର ପନ୍ଥା ନିର୍ଦ୍ଧାରଣ କରିଛନ୍ତି ?

(1) ସରକାର

(2) ବିଶ୍ୱବିଧାତା

(3) ପଶୁପକ୍ଷୀ

(4) ପ୍ରକୃତି

135. କ'ଣ ଶାସନଦ୍ୱାରା ସଂଯତ ହୋଇଥାଏ ?

(1) ନିୟମ

(2) ସ୍ୱେଚ୍ଛାଚାରିତା

(3) ଅନନ୍ତଶକ୍ତି

(4) ଆବେଗ

136. ଶିକ୍ଷକ ଚ଼ତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ନିଜର ଇଚ୍ଛା ଅନୁସାରେ ଏକ ବିଷୟରେ କିଛି ଲେଖିବାକୁ ଉତ୍ସାହିତ କରିବେ, ଯଦି ସେ ବିଷୟ ନିମ୍ନ କୌଣସି ଏକ ବିଷୟରେ ହୋଇଥିବ, ତେବେ ତାହା କ'ଣ ?

(1) ସାମାଜିକ ବିଷୟ

(2) ଜାତୀୟ ସଂହତି

(3) ବ୍ୟକ୍ତିଗତ ଅନୁଭୂତି

(4) ପରିବେଶ ବିଷୟକ

137. ଏଥିମଧ୍ୟରୁ କେଉଁଟି ଅଣଆନୁଷ୍ଠାନିକ ଭାବେ ଭାଷା ଶିକ୍ଷାର ଅନ୍ତର୍ଭୁକ୍ତ ?

(1) ଭାଷା ପ୍ରୟୋଗଶାଳା

(2) ଘରୋଇ ପରିବେଶ

(3) ଭାଷା ପ୍ରଶିକ୍ଷଣ କେନ୍ଦ୍ର

(4) ବିଦ୍ୟାଳୟ

138. ଗୋଟିଏ ଗଳ୍ପ ପାଠ କରି ତାକୁ ମନେରଖି କହିବା ପଦ୍ଧତି ଶିକ୍ଷକଙ୍କୁ କ'ଣ ଆକଳନ କରିବାରେ ସହାୟକ ହୋଇଥାଏ ?

(1) ସ୍ମରଣ ଶକ୍ତି

(2) ବୋଧ ଶକ୍ତି

(3) ଉଚ୍ଚାରଣ ପ୍ରକ୍ରିୟା

(4) ବନାନ ଜ୍ଞାନ

139. ଲିଖନ ଅପାରଗତା କ'ଣ ?

(1) ଡ଼ିସ୍‌ଲେକ୍ସିଆ

(2) ଡ଼ିସ୍‌ଗ୍ରାଫିଆ

(3) ଡ଼ିସ୍‌କାଲ୍‌କୁଲିଆ

(4) ଡ଼ିସ୍‌ଫୋରିଆ

140. ପଠନ କେବଳ ଲିଖିତ ପାଠରେ ଉଚ୍ଚାରଣ ନୁହେଁ, ଏହା ସାହାଯ୍ୟ କରେ –

(1) ଏକ ସକ୍ଷମ ବକ୍ତା ହେବାରେ

(2) ପାଠ୍ୟର ଅର୍ଥ ବୁଝିବାରେ

(3) ନୂତନ ଶବ୍ଦ ଓ ବାକ୍ୟର ଗଠନ ଶିକ୍ଷା କରିବାରେ

(4) ନୂତନ ଶବ୍ଦ ଉଚ୍ଚାରଣରେ ଉପୁଜିବା ବାଧା ଅତିକ୍ରମ କରିବାରେ

141. ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ବ୍ୟବସ୍ଥାକୁ ସାଧାରଣତଃ ଅନୁମୋଦନ କରାଯାଇଥାଏ । ଏହାର ଉଦ୍ଦେଶ୍ୟ ହେଲା –

(1) କ୍ଷେତ୍ରୀୟ ଭାଷାର ପ୍ରସାର କରିବା

(2) ପ୍ରାକୃତିକ ପରିବେଶର ସୃଷ୍ଟି କରିବା

(3) ଶିଶୁ କୌଣସି ଭାଷା ବୁଝିନପାଇବାରୁ ଏହାର ସାହାଯ୍ୟ କରିବା

(4) ସେମାନଙ୍କମଧରେ ସୃଜନାତ୍ମକତା ସୃଷ୍ଟି କରିବା

142. ପ୍ରଥମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ନିମନ୍ତେ ରଖାଯାଇଥିବା ପାଠ୍ୟପୁସ୍ତକର ଆରମ୍ଭରେ କବିତା ଓ ଗଳ୍ପ ଦିଆଯାଇ ପରେ ଅକ୍ଷର ବା ବର୍ଣ୍ଣ ଦିଆଯାଏ । କେଉଁ ଧରଣର ପାଠ୍ୟପୁସ୍ତକରେ ଏ ପ୍ରକାରର ବ୍ୟବସ୍ଥା ଥାଏ ?

(1) ନିମ୍ନ – ଉର୍ଦ୍ଧ୍ୱ ପଦ୍ଧତି

(2) ଉର୍ଦ୍ଧ୍ୱ – ନିମ୍ନ ପଦ୍ଧତି

(3) ଶୃଙ୍ଖଳାମୂଳକ ପଦ୍ଧତି

(4) ପାଠ୍ୟଖସଡ଼ା ଆଧାରିତ ପଦ୍ଧତି

143. ଏଥିମଧ୍ୟରୁ କେଉଁ ବକ୍ତବ୍ୟ ଠିକ୍ ?

(1) ପ୍ରଥମ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ଇଂରେଜୀ ଜଣା ନଥାଏ ।

(2) ଶିଶୁମାନେ ବିଦ୍ୟାଳୟରେ ଯୋଗ ଦେବା ବେଳକୁ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଅନୁଭୂତିର ଗନ୍ତାଘର ଥାଏ ।

(3) ବିଦ୍ୟାଳୟରେ ଯୋଗ ଦେବା ବେଳକୁ ଶିଶୁମାନେ ଜ୍ଞାନହୀନ ବା ବ୍ଲାଙ୍କ୍ ସ୍ଲେଟ୍ ଥାଆନ୍ତି ।

(4) ଅଧିକ ପରିମାଣରେ ଶବ୍ଦ ଅଭ୍ୟାସ କରାଇ ଶିଶୁଙ୍କୁ ଭାଷା ଶିଖାଇବା ଦରକାର ।

144. ଶିଶୁ ତାର ମାତୃଭାଷା ______ ଦ୍ୱାରା ଶିକ୍ଷା କରିଥାଏ ।

(1) ଶିକ୍ଷା

(2) ଅନୁସରଣ

(3) ଆହରଣ

(4) ଦୃଢୀଭୂତିକରଣ

145. ଏଥିମଧ୍ୟରୁ କେଉଁଟି ଆହରଣ କୌଶଳର ଅନ୍ତର୍ଭୁକ୍ତ ?

(1) ଶ୍ରବଣ ଓ କଥନ

(2) ଶ୍ରବଣ ଓ ପଠନ

(3) ପଠନ ଓ ଲିଖନ

(4) ପଠନ ଓ କଥନ

**146.** ପିଲାମାନଙ୍କୁ ସେମାନଙ୍କର ଗୋଟିଏ, ଗୋଟିଏ ଗୁଣ କହିବା ପାଇଁ କହି ଶିକ୍ଷକ ତା ମାଧ୍ୟମରେ 'ବିଶେଷଣ' ଶିଖାଇଥାନ୍ତି ଓ ବିଶେଷଣର ସଂଜ୍ଞା ସଂପର୍କରେ ବୁଝାଇଥାନ୍ତି । ଏ ପ୍ରକାରର ପଦ୍ଧତିକୁ କୁହାଯାଏ –

(1) ସଂଯୁକ୍ତ ପଦ୍ଧତି

(2) ବିଯୁକ୍ତ ପଦ୍ଧତି

(3) ପୂର୍ଣ୍ଣ ଶାରୀରିକ ଜବାବ (TPR) ପଦ୍ଧତି

(4) ନିମଜ୍ଜନ ପଦ୍ଧତି

**147.** ଶିକ୍ଷକଙ୍କ ସାହାୟତାରେ ଆନୁଷ୍ଠାନିକ ଭାବରେ କେଉଁ ଭାଷା ଶିକ୍ଷା କରାଯାଇଥାଏ ?

(1) ପ୍ରଥମ ଭାଷା

(2) ଦ୍ୱିତୀୟ ଭାଷା

(3) ମାତୃ ଭାଷା

(4) ଘରୋଇ ଭାଷା

**148.** ଶିଶୁମାନଙ୍କୁ ନୂତନ ଶବ୍ଦ ଶିଖାଇବା ବେଳେ କିଛି ବସ୍ତୁ ଦେଖାଇବାକୁ ପଡ଼ିଥାଏ । କାରଣ –

(1) ଆମେ ନୂତନ ବସ୍ତୁ ଦେଖାଇହିଁ ନୂତନ ଶବ୍ଦ ଶିଖାଇ ପାରିବା

(2) ଶବ୍ଦର ଯଥାର୍ଥ ବନାନ ଶିଖାଇବାରେ ଏହା ସହାୟକ ହୋଇଥାଏ

(3) ବାସ୍ତବ ଜୀବନରେ ଦେଖୁଥିବା ଜିନିଷ ସହିତ ନୂତନ ଶବ୍ଦକୁ ମିଶାଇ ନିଜ ଭାଷାରେ କହିବା ସମ୍ଭବ ହୋଇଥାଏ

(4) ଶିଶୁମାନେ ଭାବାତ୍ମକ ଚିନ୍ତା କରିପାରିନଥାନ୍ତି ତେଣୁ ସେମାନେ ବାସ୍ତବ ପଦାର୍ଥ ସାହାଯ୍ୟରେ ସହଜରେ ଶିକ୍ଷା କରି ପାରନ୍ତି

**149.** ଭାଷା ପାଠ୍ୟଖସଡ଼ାରେ ସାହିତ୍ୟ ରଖିବା ଆବଶ୍ୟକ । କାରଣ ______

(1) ଏହା ପ୍ରକୃତଭାଷା ଶିକ୍ଷାର ମାଧ୍ୟମ

(2) ଶିକ୍ଷାର୍ଥୀ ସମାଲୋଚକ ହେବାରେ ଏହା ସହାୟକ ହୋଇଥାଏ

(3) ଶିକ୍ଷାର୍ଥୀଙ୍କ ଉପରେ ପାଠ୍ୟ ଭାରା ହ୍ରାସ କରିବାରେ ଏହା ସହାୟକ ହୋଇଥାଏ

(4) ଏହା ଶିକ୍ଷାର୍ଥୀଙ୍କୁ ନୂତନ ଶବ୍ଦ ଶିକ୍ଷା କରିବାରେ ସହାୟକ ହୋଇଥାଏ

**150.** ଭାଷା ଶିକ୍ଷା କକ୍ଷରେ ଗଳ୍ପ କଥନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା –

(1) ନୀତିଶିକ୍ଷା ଦେଇଥାଏ

(2) ଆମୋଦ ପ୍ରଦାନର ଉତ୍ସ

(3) ଶିକ୍ଷକଙ୍କୁ ହାଲୁକା କରିଥାଏ

(4) ଭାଷାକୁ ପୁର୍ଣ୍ଣଭାବେ ଉପସ୍ଥାପିତ କରାଇଥାଏ

**SPACE FOR ROUGH WORK**

**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍‌ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/ room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/ rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/ Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***